# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 October – 2025

*********************************

## ମୁଖ୍ୟ ସମ୍ବାଦ

- ଆଇଏନ୍‌ଏସ୍ ବିକ୍ରାନ୍ତ ଆତ୍ମନିର୍ଭର ଭାରତର ଏକ ଉତ୍କୃଷ୍ଟ ଉଦାହରଣ; କହିଲେ ପ୍ରଧାନମନ୍ତ୍ରୀ
- ଓଡ଼ିଶା ସମେତ ଦେଶବ୍ୟାପୀ ପାଳିତ ହେଉଛି ଆଲୋକର ପର୍ବ ଦୀପାବଳି;

– ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ

– ଏ ପର୍ଯ୍ୟନ୍ତ ତିନି ପ୍ରମୁଖ ଦଳ ପ୍ରାର୍ଥୀଙ୍କ ସମେତ ୮ ଜଣଙ୍କର ପ୍ରାର୍ଥିପତ୍ର ଦାଖଲ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲାଗି ରହିଛି ବର୍ଷା

# ପିଏମ୍-ଗୋଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତିନି ପ୍ରତିରକ୍ଷା ବାହିନୀ ମଧ୍ୟରେ ସମନ୍ୱୟ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲା । ଗୋଆ ଏବଂ କରୱାର ଉପକୂଳରେ ଆଇଏନ୍‌ଏସ୍ ବିକ୍ରାନ୍ତରେ ନୌସେନା କର୍ମଚାରୀଙ୍କ ସହିତ ଆଜି ଦୀପାବଳି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଆଇଏନ୍‌ଏସ୍ ବିକ୍ରାନ୍ତ ହେଉଛି ଆତ୍ମନିର୍ଭର ଏବଂ ମେଡ୍ ଇନ୍ ଇଣ୍ଡିଆର ଏକ ଉତ୍କୃଷ୍ଟ ଉଦାହରଣ । ସରକାର ପ୍ରତ୍ୟେକ ଆହ୍ୱାନର ମୁକାବିଲା ତଥା ସ୍ଥିରତା ବଜାୟ ରଖିବାକୁ  ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ନୌସେନା କର୍ମଚାରୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କ ସହିତ ଦୀପାବଳି ପାଳନ କରୁଥିବାରୁ ସେ ଗର୍ବିତ । ସମୁଦ୍ର ଜଳରେ ସୂର୍ଯ୍ୟକିରଣର ଆଲୋକ ସାହସୀ ସୈନିକଙ୍କ ଦ୍ୱାରା ଜଳୁଥିବା ଦୀପାବଳିର ଦୀପ ସଦୃଶ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସୁରକ୍ଷା ବାହିନୀର ସାହସ ଏବଂ ଦୃଢ଼ ନିଷ୍ପତ୍ତି ଯୋଗୁଁ ଦେଶରୁ ମାଓବାଦ ଓ ଆତଙ୍କବାଦକୁ ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ମିଳିଛି ।

Nuapada

## ଉପନିର୍ବାଚନ- ନାମାଙ୍କନପତ୍ର ଦାଖଲ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି ନାମାଙ୍କନପତ୍ର ଦାଖଲର ଶେଷ ଦିବସ । ଏ ପର୍ଯ୍ୟନ୍ତ ୩ ଜଣ ଦଳୀୟ ପ୍ରାର୍ଥୀ ଓ ୫ ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ୮ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି ।

ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ ମଧ୍ୟ ଆଜି ସେ ଅତିରିକ୍ତ ଦୁଇ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡି ପ୍ରାର୍ଥୀ ସେହାଙ୍ଗିନୀ ଛୁରିଆ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନପତ୍ର ଦାଖଲ ବେଳେ ପ୍ରାୟ ୪୦ ଜଣ ଦଳୀୟ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ। ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ସେ ଚାରିଟି ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନପତ୍ର ବେଳେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ବିଧାୟକ ଅଧିରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କମଳ କୁମାର ଛତ୍ରିଆଙ୍କ ସମେତ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ କହିଛନ୍ତି...

**- V/O -**

ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ  କହିଛନ୍ତି...

**- V/O -**

କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀ  କହିଛନ୍ତି...

**- V/O -**

ପୂର୍ବରୁ କଂଗ୍ରେସର ଘାସିରାମ ମାଝୀ ଏବଂ ୨ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆସନ୍ତା ୨୨ ତାରିଖ ଦିନ ପ୍ରାର୍ଥିପତ୍ର ଯାଞ୍ଚ କରାଯିବା ସହ ୨୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି । ନଭେମ୍ବର ମାସ ୧୧ ତାରିଖରେ ଭୋଟ୍ ଗ୍ରହଣ କରାଯାଇ ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

Desk

# ଦୀପାବଳି

ଆଲୋକର ପର୍ବ ଦୀପାବଳି ଆଜି ପାଳନ କରାଯାଉଛି । ଏଥିସହ ଦେବୀପୀଠ ଏବଂ ପୂଜାମଣ୍ଡପ ଗୁଡ଼ିକ ମା’ କାଳୀଙ୍କ ପୂଜାର୍ଚ୍ଚନା ପାଇଁ ଉତ୍ସର୍ଗମୁଖର ହୋଇଉଠିଛି। ପରିବେଶ ଅନୁକୂଳ ଦୀପାବଳି ପାଳନ ପାଇଁ ସବୁଜ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି । ତେବେ ତୀବ୍ର ଶବ୍ଦଯୁକ୍ତ ବାଣ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ସନ୍ଧ୍ୟା

୭ଟାରୁ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବା ନେଇ ପ୍ରଶାସନ ପକ୍ଷରୁ ସମୟସୀମା ଧାର୍ଯ୍ୟ କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ ଓ ସମୃଦ୍ଧିର କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଦୀପାବଳୀରେ ଶୁଭକାମନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ସେ କହିଛନ୍ତି, ଆଲୋକର ଏହି ପବିତ୍ର ପର୍ବ ସମସ୍ତଙ୍କ ଜୀବନକୁ ସୁଖ, ସମୃଦ୍ଧି ଓ ସୌହାର୍ଦ୍ଦ୍ୟରେ ଆଲୋକିତ କରୁ ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି’ ଦୀପାବଳିର ଶୁଭାବସରରେ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଏହି ପର୍ବ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଙ୍ଗ ବୋଲି କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ । ସମସ୍ତଙ୍କ ଜୀବନରେ ମା’ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣନ୍ତୁ ବୋଲି ସେ କାମନା କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଦୀପାବଳିର ଶୁଭକାମନା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ମା' ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରି ଅସୀମ ଖୁସି ଓ ସମୃଦ୍ଧି ଆଣିଦିଅନ୍ତୁ ।

BHK/Puri

# ପୟାଶ୍ରାଦ୍ଧ

ଦୀପାବଳି ଓ ପୟାଶ୍ରାଦ୍ଧ ଅବସରରେ ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ନେଇ ଶ୍ରୀକ୍ଷେତ୍ର ପୁରୀରେ ଆଜି ଶ୍ରାଦ୍ଧ ଓ ବଡ଼ବଡୁଆ ଡାକିବାର ପରମ୍ପରା ପାଳିତ ହେଉଛି । ଶ୍ରୀମନ୍ଦିର ସମ୍ମୁଖରେ ପ୍ରଶାସନିକ ଶୃଙ୍ଖଳା ଓ ବ୍ୟବସ୍ଥା ମଧ୍ୟରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ବଡ଼ବଡୁଆ ଡାକିଥିବାବେଳେ ନିଜ ପିତୃପୁରୁଷ ଉଦ୍ଦେଶ୍ୟରେ କାଉଁରିଆରେ ଅଗ୍ନିସଂଯୋଗ କରି ଦୀପଦାନ କରୁଛନ୍ତି । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖାଯାଇ ପ୍ରଶାସନ ପକ୍ଷରୁ ୨୮ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି । ଅଗ୍ନିଶମ ବାହିନୀକୁ ମଧ୍ୟ ନିୟୋଜନ କରାଯାଇଛି ।

ଶ୍ରୀକ୍ଷେତ୍ରରେ ଥିବା ଶ୍ୟାମାକାଳୀ, ଦକ୍ଷିଣକାଳୀ, ବାଟକାଳୀ ଓ ଗଛକାଳୀଙ୍କ ସମେତ ବୀରଗୋବିନ୍ଦପୁର ଗ୍ରାମରେ ଥିବା ପ୍ରସିଦ୍ଧ ମା'ଦକ୍ଷିଣକାଳୀଙ୍କ ମନ୍ଦିରରେ  ଆଜି ମଧ୍ୟରାତ୍ରିରେ  କାଳିପୂଜା ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି  ।

ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଭଦ୍ରକାଳୀ ପୀଠରେ ୭ ଦିନିଆ ମହାଯଜ୍ଞ, ଗୀତାଯଜ୍ଞ ଅନୁଷ୍ଠିତ ହେଉଛି । ଘଟ ସ୍ଥାପନ, ମଙ୍ଗଳ ଆଳତି, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଆଦି ନୀତିକାନ୍ତି ସମ୍ପନ୍ନ ହେବା ସହ ମା' ଭଦ୍ରକାଳୀ' ବେଦମାତା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଜିଲ୍ଲାର ପୁରାତନ କୁଣ୍ଡିକାଳୀ ପୀଠ, ଦକ୍ଷିଣେଶ୍ୱର କାଳୀ, ଚରମ୍ପାର ପଥରକାଳୀ, ଆରଡ଼ିର ଶ୍ୟାମାକାଳୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେଉଛି।

Desk

## ଅଷ୍ଟିଓପୋରୋସିସ୍ ଦିବସ

ବିଶ୍ୱ ଅଷ୍ଟିଓପୋରୋସିସ୍ ବା ଅସ୍ଥିକ୍ଷୟ ରୋଗ ନିରାକରଣ ଦିବସ ଆଜି ପାଳନ କରାଯାଉଛି। ଏହି ରୋଗ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଅଷ୍ଟିଓ ଅର୍ଥ ହାଡ ଓ ପୋରୋସିସ୍‌ର ଅର୍ଥ ଛିଦ୍ରଯୁକ୍ତ। ଯେଉଁ ରୋଗୀଙ୍କର ହାଡ଼ ଛିଦ୍ରଯୁକ୍ତ ହୋଇଥାଏ ସାଧାରଣତଃ ଡାକ୍ତରମାନେ ଏହି ରୋଗକୁ ଅଷ୍ଟିଓପୋରୋସିସ୍ ବୋଲି କହିଥାନ୍ତି। ବିଶେଷଭାବରେ ବୟସ ବୃଦ୍ଧି ପାଇଲେ ଏବଂ ବଂଶଗତ ପ୍ରଭାବ ରହିଥିଲେ ଅଷ୍ଟିଓପୋରୋସିସ୍ ଲକ୍ଷଣ ଦେଖାଦେଇଥାଏ। ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ହାଡ଼ ଦୁର୍ବଳ ଏବଂ ଶକ୍ତିହୀନ ହୋଇଥାଏ।

ଅଷ୍ଟିଓପୋରୋସିସ୍ ପୀଡିତ ଜଣେ ବ୍ୟକ୍ତିଠାରେ ଅଣ୍ଟାବ୍ୟଥା ଏବଂ ମେରୁ ହାଡ଼ର କ୍ଷୟ ଆଦି ସ୍ୱାଭାବିକ ଲକ୍ଷଣ ଦେଖାଯାଏ। ରୋଗରୁ ରକ୍ଷା

ପାଇବା ପାଇଁ ଜଣେ ବ୍ୟକ୍ତି କ୍ଷୀର, ଦହି, ଛେନା ଆଦି କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ସହିତ ଶରୀରର ଓଜନକୁ ସନ୍ତୁଳିତ ରଖିବା ନିହାତି ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ଦେଇଥାନ୍ତି। ଦୈନନ୍ଦିନ ଜୀବନରେ ବ୍ୟାୟାମ ଏବଂ ପୁଷ୍ଟିକର ଖାଦ୍ୟ ଗ୍ରହଣ ଦ୍ୱାରା ହାଡ଼ ସୁଦୃଢ଼ ହେବା ସହ ଅସ୍ଥିକ୍ଷୟ ଜନିତ ସମସ୍ୟାର ମୁକାବିଲା କରାଯାଇ ପାରିବ ବୋଲି ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

MET

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଅଧିକ ଘନୀଭୂତ ହୋଇ ଏହା ଆସନ୍ତା ୨୩ ତାରିଖ ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।